# Akashvani, Sambalpur

## SAMBALPURI NEWS EVENING BULLETIN

## 22 March 2026-7.02- 7.12 pm.

---

୧- ଦେଶେ ନିର୍ବାଚିତ ସରକାର୍‌ଙ୍କର୍ ମୁଖ୍ୟ ଭାବେ ୨୫ ବଛର୍ ପୁରା କରିକରି କିର୍ତିମାନ୍ ଥାପ୍‌ନା କଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- 'ବୁନ୍ଦେ ଭିଲ୍ ପାଏନ୍ ନୁକ୍‌ସାନ୍ ନାଇଁ କରୁନ୍' ଭୁବ୍‌ନେଶ୍ୱର୍ ରାଜ୍ୟସ୍ତରୀୟ ବିଶ୍ୱ ଜଲ୍‌ଦିବସ୍ ସମାରୋହକେ ଉଦ୍‌ଘାଟନ୍ କରିକରି ଆହ୍ୱାନ୍ ଦେଲେ ମୁଖ୍ୟମନ୍ତ୍ରୀ ।

- ଜଲ୍‌ସମ୍ପଦ୍ ବିଭାଗ୍‌ର ମୋଟ୍ ୨ ହଜାର୍ ୬ ଶହ ୧୨ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ କଲେ ଶୁଭାରମ୍ଭ ।

୩- ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ସ୍ୱାସ୍ଥ୍ୟବିଭାଗ୍‌ର କାମ୍‌କାଜ୍‌ର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଆଉର୍

୪- ରାଏଜେ ଆଏବା ୨ ତାରିଖ୍ ଦିନ ଶିଶୁବାଟିକା ଆଉ ୧ ଶ୍ରେଣୀ ଛାତ୍ରଛାତ୍ରୀମାନ୍‌କର୍ ଲାଗି ହେବା ପ୍ରବେଶ୍ ଉସ୍ବବ୍ ଆଉ ଖଡ଼ିଛୁଆଁ ।

ପିଏମ୍ ମୋଦୀ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର୍ ନିର୍ବାଚିତ ସର୍‌କାର୍‌ଙ୍କର୍ ସବୁନୁ ଅଏତ୍‌କା ସମିଆ ମୁଖ୍ୟ ହିସାବେ ରହିକରି ଗୁଟେ ନୂଆଁ କିର୍ତିମାନ୍ ଥାପ୍‌ନା କରିଛନ୍ । ଶ୍ରୀ ମୋଦୀ ଗୁଜୁରାତ୍‌ର ମୁଖ୍ୟମନ୍ତ୍ରୀ ଆଉ ଦେଶର୍ ପ୍ରଧାନ୍‌ମନ୍ତ୍ରୀ ଭାବେ ୨୫ ବଛର୍ କାର୍ଯ୍ୟକାଳ ପୁରା କର୍‌ବାର୍ ସହେତେ ମୋଟ୍ ୮ ହଜାର୍ ୯ ଶହ ୩୧ ଦିନ୍ ଶାସନ୍ ଦାୟିତ୍ୱ ତୁଲେଇଛନ୍ । ଇ ଲମ୍ବା ରାଜନୈତିକ୍ କାର୍ଯ୍ୟକାଳ ଭିତ୍‌ରେ ଶ୍ରୀ ମୋଦୀ ଭିନ୍ ଭିନ୍ କ୍ଷେତ୍ର ନ ନିଜର୍ ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରତିପାଦନ୍ କର୍‌ବାର୍ ସହେତେ ରେକର୍ଡ଼ ତିଆର୍ କରିଛନ୍ । ୨୦୦୧ ମସିହା ଅକ୍ଟୋବର୍ ୭ ତାରିଖ୍ ଗୁଜୁରାତ୍‌ର ମୁଖ୍ୟମନ୍ତ୍ରୀ ଭାବେ ସେ ପହେଲା ଦାୟିତ୍ୱ ନେଇଥିଲେ । ୨୦୧୪ ମେ ୨୧ ତାରିଖ୍ ତକ୍ ୧୩ ବଛର୍ ଗୁଜୁରାତ୍‌ର ମୁଖ୍ୟମନ୍ତ୍ରୀ ରହିଥିଲେ । ଶ୍ରୀ ମୋଦୀ

ହେଉଛନ୍ ଦେଶର୍ ପହେଲା ପ୍ରଧାନ୍‌ମନ୍ତ୍ରୀ, ଯିଏକି ସ୍ୱାଧୀନ୍ ଭାରତ୍ ନ ଜନମ୍ ନେଇଥିଲେ । ଲଗାତାର୍ ୨୦୧୪, ୨୦୧୯ ଆଉ ୨୦୨୪ ମସିହାଥି ୩ ଥର୍ ଲୋକସଭା ନିର୍ବାଚନ୍ ଜିତ୍‌ବାର୍ ସହେତେ ଶ୍ରୀ ମୋଦୀ ପ୍ରଧାନ୍‌ମନ୍ତ୍ରୀ ଦାୟିତ୍ୱ ତୁଲଉଛନ୍ ।

ବିଶ୍ୱ ଜଳଦିବସ ଆଇ.ଆଣ୍ଡ୍.ପି.ଆର୍

ପାଏନ୍‌ର ମହତ୍ୱ ବାବ୍‌ଦେ ସମ୍‌କୁ ଜନାବାର୍, ଦୁରୁପଯୋଗ ରୁକ୍‌ବାର୍ ଫିଁ’ ଲୁକ୍‌କର୍ ପାଶେ ସଫା ପିଇବାର୍ ପାଏନ୍ ପୁହୁଁଚାବାର୍ ଲକ୍ଷ୍ୟ ନେଇକରି ଆଏଜ୍ ବିଶ୍ୱ ଜଳ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବଷୟବସ୍ତୁ ରହିଛେ ‘ଜଳ ଆଉ ଲିଙ୍ଗଗତ ସମାନ୍‌ତା’ ଜଳପ୍ରବାହ ସାଙ୍ଗେ ସମାନତାଥି ଉନ୍ନତି ଶୀର୍ଷକ୍ ସ୍ଲୋଗାନ୍ ସହେତେ ଇ ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ ।

ଇ ଦିବସ୍ ପାଲନ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଲ୍‌ସଂରକ୍ଷଣ୍ ଆଉ ନିରନ୍ତର୍ ବିକାଶ୍‌କେ ତହଁକାବାର୍ ଲାଗି

ଦେଶର୍ ପ୍ରତିବଦ୍ଧତାକେ ସୁର୍ତା କରିଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ଶ୍ରୀ ମୋଦୀ ଜୀବନ୍‌କେ ବଜାୟ ରଖ୍‌ବାର୍‌ଥି ଆଉ ପୁର୍‌ଥିର୍ ଭବିଷ୍ୟତ୍‌କେ ଆକାର୍ ଦେବାର୍‌ଥି ପାଏନ୍‌ର ଗୁରୁତ୍ୱ ବାବ୍‌ଦେ କହିଛନ୍ । ଜଲ୍‌ସଂରକ୍ଷଣ୍ ଆଉ ତାର୍ ଦାୟିତ୍ୱପୂର୍ଣ୍ଣ ବେଭାର୍‌କେ ନେଇକରି ଶ୍ରୀ ମୋଦୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ଜଲ୍‌ସଂରକ୍ଷଣ୍‌ର ଗୁରୁତ୍ୱ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସଭ୍ୟତାର୍ ଜୀବନ୍‌ରେଖା ହେଉଛେ ପାଏନ୍ । ଭବିଷ୍ୟତ୍ ପିଢ଼ିଙ୍କର୍ ଲାଗି ଜଲ୍ ସଂରକ୍ଷଣ୍ ଉପ୍‌ରେ ସେ ଜୋର୍ ଦେଇଛନ୍ ।

ଭୁବ୍‌ନେଶ୍ୱର୍ ଠାନେ ରାଜ୍ୟସ୍ତରୀୟ ବିଶ୍ୱ ଜଲ୍‌ଦିବସ୍ -୨୦୨୬ ସମାରୋହ ଆଏଜ୍ ଲୋକସେବା ଭବନ୍ ସମ୍ମିଳନୀ କକ୍ଷ ନ ହେଇଯାଇଛେ ।

ସମାରୋହ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ୨ ହଜାର୍ ୬ ଶହ ୧୨ କୋଟି ଟଙ୍କାର୍ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ଯେନ୍‌ଥି ପାଖାପାଖି ୨୨ ଶହ ୯୨ କୋଟିର୍ ୧୭ ଟା ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ୩ ଶହ ୨୦ କୋଟିର ଶହେ ୨୪ ଟା ପ୍ରକଳ୍ପର୍ ଲୋକାର୍ପଣ୍ ହେଇଛେ । ଗାଁନୁ ସହର୍‌ତକ୍ ପାନିର୍ ସମସ୍ୟାକେ ଦୂର୍ କର୍‌ବାର୍ ଲାଗି ମିହଲା ସ୍ୱୟଂସହାୟକ୍ ଗୋଷ୍ଠୀର୍ ସଦସ୍ୟମାନ୍‌କର୍ ସହେତେ ଭିନ୍ ଭିନ୍ ସ୍ୱେଚ୍ଛାସେବୀ

ସଂଗଠନ୍‌ର ବଡ଼୍ ଦାୟିତ୍ୱ ରହିଛେ । ସମାଜ୍‌ର ଶେଷ୍ ସିଡ଼ି ନ ଥିବା ଲୁକ୍‌କର୍ ପାଖ୍‌କେ ଭିଲ୍ ସଫା ପିଇବାର୍ ପାଏନ୍ ପୁହୁଁଚାବାର୍‌ଟା ସର୍‌କାର୍‌ଙ୍କର୍ ପ୍ରାଥମିକତା ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଜଲ୍‌ସଂରକ୍ଷଣ୍ କ୍ଷେତ୍ରଥି ଲୋକ୍‌ମାନ୍‌କୁ ଅଏତ୍‌କାନୁ ଅଏତ୍‌କା ପ୍ରଶିକ୍ଷିତ୍ କରିକରି ବୁନ୍ଦେ ଭିଲ୍ ପାଏନ୍ ନୁକ୍‌ସାନ୍ ନାଇଁ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଚାଷୀମାନ୍‌କର୍ ସମସ୍ୟାର୍ ସମାଧାନ୍ କର୍‌ବାର୍ ଉଦ୍ଦେଶ୍ୟଥି ମୁଖ୍ୟମନ୍ତ୍ରୀ ଆଏଜ୍ କୃତ୍ରିମ ବୁଦ୍ଧିମତା ପରିଚାଳିତ ଚାଟ୍‌ବଟ୍ ବିନ୍ଦୁ ର ଲୋକାର୍ପଣ୍ କରିଛନ୍ । ଇତାର୍‌ସହେତେ ରାଜୀବ୍ ଭବନ୍ ନ ଶିଶୁ ଯତ୍ନ କେନ୍ଦ୍ର - କଳିକା କେ ଭିଲ୍ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଜଲ୍‌ସମ୍ପଦ୍ ତର୍‌ଫୁ ଆୟୋଜିତ ଫଟୋ ପ୍ରଦର୍ଶନୀ 'ପ୍ରତିବିମ୍ବ'କେ ଭିଲ୍ ମୁଖ୍ୟମନ୍ତ୍ରୀ ପରିଦର୍ଶନ୍ କରିଛନ୍ । ସମାରୋହଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ଜଲ୍‌ସମ୍ପଦ୍ ବିଭାଗ୍‌ର ସଚିବ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍ ଏନ୍‌ଏସ୍‌ଡି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଇଆଇଟି ବମ୍ବେ ଠାନେ ହେଇଥିବା ୨ ଦିନିଆ ଭାରତ୍ ଇନୋଭେଟ୍ସ୍ ଡିପ୍ ଟେକ୍ ପ୍ରି ସମିଟ୍-୨୦୨୬ ର ସମାପନୀ ଉତ୍ସବ୍‌ଥି ଯୋଗ୍ ଦେଇଛନ୍ । ଭାରତ୍ ନିଜର୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରଥି ଦକ୍ଷତା ସୃଷ୍ଟି କର୍‌ବାର୍ ସହେତେ ସାରା ପୁର୍‌ଥିର୍ ଅର୍ଥନୀତିର୍ ଆବଶ୍ୟକତାକେ ପୁରା କର୍‌ବା ବଲି ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ ଆଶ୍ କରିଛନ୍ । ଭାରତ୍-ଫ୍ରାନ୍ସ ଜି-ସେଭେନ୍ ଶିଖର୍ ସମ୍ମିଲନୀ ଅବ୍‌ସରେ ଭାରତ୍ ଇନୋଭେଟ୍ସ୍-୨୦୨୬ର ଅତ୍ୟାଧୁନିକ୍ ପ୍ରଯୁକ୍ତିବିଦ୍ୟାକେ ବୈଶ୍ୱିକ ମଚାନ୍‌ଥି ପ୍ରଦର୍ଶିତ୍ କର୍‌ବାର୍‌କେ ସେ ଚାହୁଁଛନ୍ ବଲି ମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି ଶହେ ୩୭ ଟା ଷ୍ଟାଟ୍‌ଅପ୍, ୨ ଶହ ନିବେଶକ୍ ଆଉ ୮୦ ଝନ୍ କର୍ପୋରେଟ୍ ପ୍ରତିନିଧି ଭାଗ୍ ନେଇଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀ-ସ୍ୱାସ୍ଥ୍ୟ ବିଭାଗ୍ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ସ୍ୱାସ୍ଥ୍ୟ ବିଭାଗ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍

ମହାଲିଙ୍ଗ୍ ବୈଠକ୍‌ଥି ଯୋଗଦେଇକରି ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ ବିଷେ ବାବ୍‌ଦେ ଆଲୋଚନା କରିଛନ୍ । ଇ ଅବ୍‌ସରେ ଖାସ୍ କରି ସର୍‌କାରୀ ଡାକ୍ତର୍‌ଖାନାମାନ୍‌କେ ଅଗ୍ନି ନିରାପତା ନିୟମ୍‌କେ କଡ଼ାକଡ଼ି ଭାବେ ପାଲନ୍ କର୍‌ବାର୍ ସହେତେ ନିୟମିତ୍ ଯାଂଚ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ନିର୍ଦ୍ଦେଶ୍ ଦେଇଛନ୍ । ସମିଆ ସମିଆଥି ନିରୀକ୍ଷଣ୍ କର୍‌ବାର୍, ଅଗ୍ନି ସୁରକ୍ଷା ମାନର ଠିକ୍ ଭାବେ ପାଲନ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ଖାସ୍ ଧ୍ୟାନ୍ ଦେବାର୍ ଲାଗି ମନ୍ତ୍ରୀ ପରାମର୍ଶ ଦେଇଛନ୍ । ବୈଠକ୍‌ଥି ସ୍ୱାସ୍ଥ୍ୟ ସଚିବ ଆଉ ବରିଷ୍ଠ ଅଧିକାରୀମାନ୍‌କର୍ ସହେତେ ସବୁ ଜିଲ୍ଲାର୍ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ ।

ଶିଶୁବାଟିକା-ପ୍ରବେଶ ଉତ୍ସବ ଆର୍‌ଏନ୍‌ୟୁ/ କଟକ୍

ସାରା ରାଏଜେ ଶିଶୁବାଟିକା ଆଉ ୧ ଶ୍ରେଣୀ ନ ନାଁ ଲେଖାବାର୍ ଲାଗି ଏପ୍ରିଲ୍ ୨ ତାରିଖ୍ ଦିନ ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଆଁ କରାଯିବା । ଇଥି ଯୋଗ୍ ଦେବାର୍‌କେ ଛାତ୍ରଛାତ୍ରୀମାନ୍‌କର୍ ମା ବାପା ଆଉ ଅଭିଭାବକ୍‌ମାନ୍‌କୁ ମୁଖ୍ୟମନ୍ତ୍ରୀ ନିଉତା ଦେଇଛନ୍

ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ ।

ନାଁଲେଖା ଆଇ.ଆଣ୍ଡ୍.ପି.ଆର୍

ଆଏବା ଶିକ୍ଷାବଛର୍-୨୦୨୬-୨୭ ଲାଗି ୨ ବର୍ଷିଆ ବିଏଡ୍, ଏମ୍ଏଡ୍, ବିଏଚ୍ଏଡ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ଇଥିର୍‌ଲାଗି ଆବେଦନ୍ ପ୍ରକ୍ରିୟା ଆଏବା କାଏଲ୍‌ଠାନୁ ମୁଲ୍ ହେବା । ମେ ମାସର୍ ୩୧ ତାରିଖ୍‌ଦିନ ବିଏଡ୍ ଆଉ ଜୁନ୍ ୩ ତାରିଖ୍ ଏମ୍ଏଡ୍ ଆଉ ବିଏଚ୍ଏଡ୍ ପାଠ୍ୟକ୍ରମ୍ ଲାଗି ପ୍ରବେଶିକା ପରୀକ୍ଷା ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ସୂଚ୍‌ନା ଦିଆଯାଇଛେ । ମେ ୨୭ ତାରିଖ୍ ପ୍ରବେଶିକା ପରୀକ୍ଷା ଲାଗି ଏଡ୍‌ମିଟ୍‌କାର୍ଡ୍ ମିଲ୍‌ବା । ଇଚ୍ଛୁକ ପ୍ରାର୍ଥୀମାନେ ଆଏବା କାଏଲ୍‌ଠାନୁ ଏପ୍ରିଲ୍ ୬ ତାରିଖ୍‌ତକ୍ ସାମ୍ସ ପୋର୍ଟାଲ୍‌ଥି ଆବେଦନ୍ କରିପାର୍‌ବେ ।

ନୃସିଂହ ବିଜେ ନୀତି ପୁରୀ ସମ୍ବାଦଦାତା

ଚଇତ୍ ମାସର୍ ଉଜଲ୍ ପଖର୍ ଚତୁର୍ଥୀ ତିଥି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ବାଡ଼ି ନୃସିଂହ ବିଜେ ନୀତି ହେଇଛେ । ମଧ୍ୟାହ୍ନ ଧୂପ ନୀତି ଉତ୍‌ରୁ ଦକ୍ଷିଣି ଘରୁ ନୃସିଂହ ବିଜେ କରିକରି ଆଜ୍ଞାମାଳ ପାଇକରି ଝୁଲଣ ମଣ୍ଡପ୍ ତଲେ ଥିବାର୍ ବିମାନ୍‌ଥି ଅଧିଷ୍ଠିତ ହେଇଥିଲେ । ମହାଜନ୍ ସେବକ୍‌ମାନେ ପ୍ରଭୁ ନୃସିଂହଙ୍କୁ ବିମାନ୍‌ଥି ବିଜେ କରାଲା ଉତ୍‌ରୁ ବିମାନ୍‌ବଡୁ ସେବକ ମାନେ ବିମାନ୍‌କେ ସିଂହଦୁଆର ଦେଇକରି ମାର୍କଣ୍ଡ, ଅଙ୍ଗିରା, କଣ୍ଡୁ ଆଉ ଭୃଗୁ ଚାର୍‌ହି ଆଶ୍ରମ୍‌କେ ବିଜେ କରେଇଛନ୍ । ଇ ଚାର୍‌ହି ଆଶ୍ରମ୍ ନ ପୂଜା ପଣ୍ଡା ସେବକ୍‌ମାନେ ଶୀତଳଭୋଗ କରାବାର୍ ଉତ୍‌ରୁ ସହର୍ ପରିକ୍ରମା ବେଲେ ଭିନ୍ ଭିନ୍ ମଠ, ଜାଗା ଆଖଡ଼ା ମାନ୍‌କର୍ ତର୍‌ଫୁ ପାଖାପାଖି ୪୨ ଟା ଜାଗା ନ ପନ୍ତିଭୋଗ କରାଯାଇଛେ । ପ୍ରଭୁ ଶ୍ରୀ ନୃସିଂହଙ୍କର୍ ସହର୍ ପରିକ୍ରମା ଉତ୍‌ରୁ ଶ୍ରୀମନ୍ଦିର୍‌କେ ଆଉ କିଛି ସମିଆ ଉତ୍‌ରୁ ବାହୁଡ଼ା ବିଜେ କର୍‌ବେ ।

ବାଡ଼ି ନୃସିଂହ ନୀତି ବାବ୍‌ଦେ ଶ୍ରୀ ଜଗନ୍ନାଥ୍ ସଂସ୍କୃତି ଗବେଷକ ସୌମ୍ୟ ପଣ୍ଡା ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍- ସଂସ୍କୃତି ଗବେଷକ)

ଶ୍ରୀରଙ୍ଗ ସମାଗମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଆଉ ଶ୍ରୀ କଲ୍‌ଚରାଲ୍ ଏସୋସିଏସନ୍ ତର୍‌ଫୁ ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ଗଲାକାଏଲ୍‌ଠାନୁ ୩ ଦିନିଆ ଜାତୀୟ ନାଟ୍ୟ ମହୋତ୍ସବ୍ ଶ୍ରୀରଙ୍ଗ ସମାଗମ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍‌ର ଦୁଇ ନମ୍ବର୍ ସଞ୍ଝେ ଆଏଜ୍ ବଙ୍ଗାଲୀ ନାଟକ୍ 'ଡଲିଆ' ମଂଚସ୍ଥ ହେଉଛେ ।

ସମର୍ପଣ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ପୌର ପରିଷଦ୍‌ର ସମୂହ ସଫେଇ ଅଭିଯାନ୍ ସମର୍ପଣ୍‌ର ଆଏଜ୍ ଶୁଭାରମ୍ଭ ହେଇଛେ । 'ସମର୍ପଣ୍- ଆମର୍ ବର୍‌ଗଡ୍ ହେଉ ସଫା ସୁନ୍ଦର୍' ସ୍ଲୋଗାନ୍ ଦେଇକରି ଛାତ୍ରଛାତ୍ରୀମାନେ ସ୍ୱଚ୍ଛ ପରିବେଶ୍‌ର ବାର୍ତା ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ବର୍‌ଗଡ୍ ବିଧାୟକ୍ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ ଯୋଗ୍ ଦେଇକରି ଇ ଅଭିଯାନ୍ ସାମୂହିକ୍ ଭାଗିଦାରିତାଥି ଗୁଟେ ଜନଆନ୍ଦୋଲନ୍‌ର ରୂପ୍ ନେଇଛେ ବଲି କହିଛନ୍ । କେନ୍ଦ୍ର ସର୍‌କାର୍‌ଙ୍କର୍ ସ୍ୱଚ୍ଛ ସର୍ବେକ୍ଷଣ୍ ଅଭିଯାନ୍‌ର ୧୦ ନମ୍ବର୍ ସଂସ୍କରଣ୍‌ଥି ସମର୍ପଣ୍

କାର୍ଯ୍ୟକ୍ରମ୍‌କେ ବହୁତ୍ ନିଷ୍ଠା ଆଉ ଉତ୍ସର୍ଗୀକୃତ ଭାବ୍‌ନା ନେଇକରି କାର୍ଯ୍ୟକାରୀ କର୍‌ବାର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ଦଣ୍ଡଯାତ୍ରା      ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଶୈବଶାକ୍ତ ପରମ୍ପରାଥି ସମୃଦ୍ଧ ଦଣ୍ଡଯାତ୍ରା ମୁଳ୍ ହେଇଛେ । ଜିଲ୍ଲାର୍ ବହୁତ୍‌ଟେ ଶୈବପୀଠ ନୁ ବାହାରିଥିବା ଦଁଡ୍ ଦଲ୍ ଗାଁ ଗାଁ ବୁଲିକରି ଧୁଇଲ୍‌ଦଁଡ୍, ପାଏନ୍‌ଦଁଡ୍ ସହେତେ ସାରା ରାତି ୧୬ ସୁଆଙ୍ଗ ପରିବେଷଣ୍ କରୁଛନ୍ । ଖାସ୍ କରି ବୀର୍‌ମହାରାଜ୍‌ପୁର୍ ଉପଖଣ୍ଡର୍ ପ୍ରସିଦ୍ଧ କଦୋଦର, ଉମାଦେବୀ, ନାକଡେଇଁ, ସୁନାରୀବେର୍ଣ୍ଣି, ଗୋଧନେଶ୍ୱର୍, ପଂଚମହଲା, ପିତାମହୁଲ୍ ବାଗିର୍ ପୀଠନୁ ବାହାରିଥିବା ରାଜାରାଜୁଡ଼ା ଅମଲ୍‌ର ଦଁଡ୍ ଯାତ୍ରା ଦଲ୍ ଇହାଦେ ଗାଁ ଗାଁ ବୁଲିକରି ଷୁଲ୍‌ହସୁଆଙ୍ଗ ଦଁଡ୍ ନୃତ୍ୟ ପରିବେଷଣ୍ କରୁଛନ୍ ।

ରାଜ୍ୟସ୍ତରୀୟ ବନପୁରସ୍କାର        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବନଖଣ୍ଡ ଅଧିନ୍‌ଥି ଥିବା ଖଡ଼ିଆଲ୍ ବନ ଅଧିକାରୀ ସୁଦାମ୍ କୁମାର୍ ବାଗ୍ ରାଜ୍ୟସ୍ତରୀୟ ବନପୁରସ୍କାର୍ ପାଏବାର୍ ଲାଗି ମନୋନୀତ୍ ହେଇଛନ୍ । ବିଭାଗ୍‌ଥି ବହୁତ୍‌ଟେ ଜନସଚେତନ୍ କାମ୍ କର୍‌ବାର୍ ସହେତେ ଉଲ୍ଲେଖନୀୟ ଅବଦାନ୍ ଲାଗି ତାଙ୍କୁ ଇ ପୁରସ୍କାର୍ ଦିଆଯିବା ।

ଜିଲ୍ଲାପାଲ୍ -ସମୀକ୍ଷା      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ସୁନାବେଡ଼ା ଅଭୟାରଣ୍ୟ ନ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଗସ୍ତ କରିକରି ପ୍ଲାଷ୍ଟିକ୍ ମୁକ୍ତ ଜିଲ୍ଲା ଗଠନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । ସ୍ୱଚ୍ଛତା କାର୍ଯ୍ୟକ୍ରମ୍ ଜରିଏ ସୁନାବେଡ଼ା ଇଲାକାକେ ପ୍ଲାଷ୍ଟିକ୍‌ମୁକ୍ତ କର୍‌ବାର୍ ଲାଗି ସେ ଅଂଚଲ୍‌ବାସୀଙ୍କୁ ଆହ୍ୱାନ୍ ଦେଇଥିଲେ ।